## ଆଜି କ'ଣ କେଉଁଠି

ବାଲେଶ୍ୱର
- ଏକୁଟେ ଓଡ଼ିଶା ୨୦୨୩ ଉତ୍ସବର ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: ଆଇଟିଆଇ ପଡ଼ିଆ, ସମୟ: ସନ୍ଧ୍ୟା ୭ଟା।
- ଶ୍ରୀଶ୍ରୀ ଲକ୍ଷ୍ମୀନାରାୟଣ ମନ୍ଦିର ପ୍ରତିଷ୍ଠା ଉତ୍ସବର ଦ୍ୱିତୀୟ ଦିବସ, ସ୍ଥାନ: ପାଞ୍ଚୁଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।

ଭଦ୍ରକ
- ପଲ୍ଲିଶ୍ରୀ ମେଳା 'ଉତ୍କର୍ଷଣା, ସ୍ଥାନ: ନେହେରୁ ଷ୍ଟାଡିୟମ୍, ସମୟ: ଅପରାହ୍ନ ୩ଟା ୩୦।
- ଜାତୀୟ ଭୋଟର ଦିବସ ପାଳନ, ସ୍ଥାନ: ସମ୍ଭାବନା ସଭାଗୃହ, ସମୟ: ଅପରାହ୍ନ ୧।

ମୟୂରଭଞ୍ଜ
- ସ୍ୱାମୀ ମୁକୁନ୍ଦାନନ୍ଦଙ୍କ ଐତିହାସିକ ଦିବ୍ୟ ଆଧ୍ୟାତ୍ମିକ ପ୍ରବଚନ ଓ ମଧୁର ସଙ୍କୀର୍ତ୍ତନ, ସ୍ଥାନ- ବାରିପଦା,ଜଗନ୍ନାଥ ମେଳା ପଡ଼ିଆ, ସମୟ:ସନ୍ଧ୍ୟା ୬ଟା।

# ଜିଲାପାଳଙ୍କୁ ଫେରାଦ ହେଲେ ହିତାଧିକାରୀ

**କେନ୍ଦୁଝର, ୨୪।୧ (ସ୍ୱ.ପ୍ର.)**

କେନ୍ଦୁଝର ଜିଲା ହରିଚନ୍ଦନପୁର ବ୍ଲକ ଅଧୀନ ନେଡ଼ଗୋପାଳି ପଞ୍ଚାୟତ (ୱାର୍ଡ ନଂ. ୨,୩) ବଡ଼କମଣ୍ଡରା ଗ୍ରାମକୁ ପୁରୁଣା ତାଲିକାରେ ୯୧ଟି ଘର ମଞ୍ଜୁର ହୋଇଥିବା ବେଳେ ପଞ୍ଚାୟତରେ ଲାଗିଥିବା ନୂତନ ତାଲିକାରେ ୩୩ଟି ଘର ଅଛି। ଅବଶିଷ୍ଟ ୫୮ ଗୃହ କାଟି ଦିଆଯାଇଛି। ତାଲିକା ପ୍ରକାଶ ପାଇବା ବିନ୍ଦୁ ଏହାକୁ ନେଇ ହିତାଧିକାରୀଙ୍କ ମଧ୍ୟରେ ଅସନ୍ତୋଷ ଲାଗି ରହିଛି। ମଙ୍ଗଳବାର ବ୍ଲକ ସଭାଗୃହରେ ଅନୁଷ୍ଠିତ ମିଳିତ ଅଭିଯୋଗ ଶୁଣାଣିରେ ଜିଲାପାଳଙ୍କ ନିକଟରେ ଫେରାଦ ହୋଇଛନ୍ତି ଏହି ଗ୍ରାମବାସୀ। ଜିଲାପାଳଙ୍କ ଦ୍ୱାରା ପ୍ରତ୍ୟକ୍ଷ ଭାବେ କିମ୍ବା ତାଙ୍କ ଦ୍ୱାରା ଅଧିକୃତ ଅଫିସରଙ୍କ ଦ୍ୱାରା ଯୋଗ୍ୟ ହିତାଧିକାରୀ ତାଲିକାରୁ ବାଦ୍ ପଡ଼ିଥିବା ୫୮ ଜଣଙ୍କର ଯାଞ୍ଚ ପାଇଁ ସେମାନେ ଅନୁରୋଧ କରିଥିଲେ। ଆବାସ ପାଇବା ଲାଗି ଯୋଗ୍ୟ ହୋଇଥିଲେ ମଧ୍ୟ ପକ୍ଷପାତିତାର ଶିକାର ହୋଇଥିବା ଗ୍ରାମବାସୀ ଲିଖିତ ଅଭିଯୋଗ କରିଥିଲେ। ଜିଲାପାଳ ଆଶିଷ ଠାକରେ ହରିଚନ୍ଦନପୁର ବିଡିଓଙ୍କୁ ପୁନଃ ଯାଞ୍ଚ ପାଇଁ କହିବାରୁ ସେମାନେ ବିରୋଧ କରିବା ସହ ବଦଳି ହୋଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ରିଲିଭ ହୋଇ ନ ଥିବା ଏବଂ ଯାହାଙ୍କ ନାମରେ ଅଭିଯୋଗ ସେ କିପରି ଯାଞ୍ଚ କରିବେ ବୋଲି ଗ୍ରାମବାସୀ ପଚାରିଥିଲେ। ପରେ ଜିଲାପାଳ ବୁଝାଶୁଝା କରିବାରୁ ବିଡିଓଙ୍କ ଦ୍ୱାରା ଯାଞ୍ଚ ପାଇଁ ଗ୍ରାମବାସୀ ରାଜି ହୋଇଥିଲେ। ଏହି ସମୟରେ ବ୍ଲକ ଅଫିସ୍ ପରିସରରେ ବଦଳି ନିର୍ଦ୍ଦେଶ ପାଇଥିବା ବିଡିଓଙ୍କୁ ଆବାସରୁ ବଞ୍ଚିତ ହିତାଧିକାରୀମାନେ ଘେରିଯାଇ ହୋହଲ୍ଲା କରିଥିଲେ। ପ୍ରକାଶ ଥାଉକି, ବଡ଼କମଣ୍ଡରା ଗ୍ରାମବାସୀ ଗତ ୧୮ ତାରିଖରେ ବିଡିଓଙ୍କୁ ଦାବିପତ୍ର ଦେବା ସହ ବ୍ଲକ ଘେରାଉ କରିଥିଲେ ଏବଂ ଜିଲାପାଳଙ୍କୁ ଦାବିପତ୍ର


ଜିଲାପାଳଙ୍କଠାରେ ଅଭିଯୋଗ କରିବାକୁ ଆସିଥିବା ବଡ଼କମଣ୍ଡରା ଗ୍ରାମବାସୀ।

### ବଦଳି ନିର୍ଦ୍ଦେଶ ପାଇଥିବା ବିଡିଓଙ୍କୁ ପୁଣି ଘେରିଲେ

ଦେବା ପରେ ସନ୍ଧ୍ୟାରେ ହରିଚନ୍ଦନପୁର ବିଡିଓଙ୍କୁ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଘେରିଥିଲେ। ବାଧ୍ୟହୋଇ ବିଡିଓ ଜିଲାପାଳଙ୍କ କାର୍ଯ୍ୟାଳୟରୁ ଚାଲି ଚାଲି ଘରକୁ ଯାଇଥିଲେ। ୧୯ ତାରିଖରେ ଦୁଇଘଣ୍ଟା ପାଇଁ ପଞ୍ଚାୟତ ଅଫିସରେ ସରପଞ୍ଚଙ୍କୁ ତାଲା ପକାଇଥିଲେ। ୨୧ରେ ହରିଚନ୍ଦନପୁରରେ କେନ୍ଦ୍ରମନ୍ତ୍ରୀ ଅର୍ଜୁନ ମୁଣ୍ଡାଙ୍କୁ ଦାବିପତ୍ର ଦେଇଥିଲେ। ଠିକ୍ ଭାବେ ତଦନ୍ତ ପୂର୍ବକ ଯୋଗ୍ୟଙ୍କୁ ଆବାସ ତାଲିକାରେ ସାମିଲ କରା ନ ଗଲେ ଆଗାମୀ ଦିନରେ ପଞ୍ଚାୟତ, ବ୍ଲକ ଅଫିସ ଘେରାଉ ସହ ପେଟରୁ କାଟି ଯାହା ସଞ୍ଚୟ ହେବ, ସେଥିରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବେ ବୋଲି ହିତାଧିକାରୀମାନେ ପ୍ରକାଶ କରିଛନ୍ତି।

ସେଲ୍ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
balasoreselfie@gmail.com


@ ପ୍ରସନ୍ନ


@ ବବିତା


@ ଲିଟୁନ୍

ସେଲ୍ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଉଲ୍ଲେଖ କରନ୍ତୁ।

## ସଂକ୍ଷେପରେ

### ଆନ୍ଦୋଳନ ପରେ ବିଜ୍ଞାନ ଶିକ୍ଷକ ନିଯୁକ୍ତ

**ରାଇରଙ୍ଗପୁର,୨୪।୧(ଡି.ଏନ.ଏ.):** ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ସହରାଞ୍ଚଳର ଇଟିଣ୍ଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି ଦାବି ନେଇ ମଙ୍ଗଳବାର ଅଭିଭାବକମାନେ ବିଦ୍ୟାଳୟରେ ତାଲା ପକାଇ ଆନ୍ଦୋଳନ କରିବା ପରେ ଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞାନ ଶିକ୍ଷକ ନିଯୁକ୍ତି ଦିଆଯାଇଛି। ଉକ୍ତ ବିଦ୍ୟାଳୟରେ ୧୪୦ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିବାବେଳେ ୩ ଶିକ୍ଷକ ଏବଂ ବିଜ୍ଞାନ ଶିକ୍ଷକ ନ ଥିବା ଯୋଗୁ ଛାତ୍ରୀଛାତ୍ରଙ୍କ ଶିକ୍ଷାଦାନ ବ୍ୟାହତ ହେଉଛି। ଛାତ୍ରୀଛାତ୍ରଙ୍କ ଅଭିଭାବକ ଏବଂ ଗ୍ରାମବାସୀ କ୍ଷୁବ୍ଧ ହୋଇ ଶିକ୍ଷାନୁଷ୍ଠାନର ମୁଖ୍ୟ ଫାଟକରେ ତାଲା ପକାଇ ବିକ୍ଷୋଭ କରିଥିଲେ। ଖବରପାଇ ରାଇରଙ୍ଗପୁର ଭାରପ୍ରାପ୍ତ ଗୋଷ୍ଠୀ ଶିକ୍ଷାଅଧିକାରୀ ଅଖିଳ ଚନ୍ଦ୍ର ପ୍ରଧାନ ଏବଂ ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ କାର୍ତ୍ତିକ ଚନ୍ଦ୍ର କାରୁଆ ପ୍ରମୁଖ ପୋଲିସ ସହାୟତାରେ ଘଟଣାସ୍ଥଳରେ ପହଞ୍ଚିଥିଲେ। ଶେଷରେ ଉକ୍ତ ବିଦ୍ୟାଳୟରେ ନୂତନ ଭାବେ ଜଣେ ବିଜ୍ଞାନ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯିବା ନେଇ ଘୋଷଣା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

# ଧରାପଡ଼ିଲେ ଆନ୍ତଃରାଜ୍ୟ ବାଇକ୍ ଲୁଟେରା

### ୩ ଗିରଫ, ୧୮ ବାଇକ୍ ଜବତ

**ଜଳେଶ୍ୱର, ୨୪।୧(ଡି.ଏନ.ଏ.)**

ଦୀର୍ଘ ଦିନ ହେଲା ଉପାନ୍ତ ଅଞ୍ଚଳରେ ଆନ୍ତଃ ରାଜ୍ୟ ବାଇକ୍ ଚୋରି ର୍ୟାକେଟ ପୋଲିସର ନିଦ ହଜାଇ ଦେଇଥିଲା। ମଙ୍ଗଳବାର ଜଳେଶ୍ୱର ବ୍ଲକ ରାଇବଣିଆ ପୋଲିସ ୧୮ ଟି ବାଇକ ଜବତ କରିବା ସହ ଏଥିରେ ସମ୍ପୃକ୍ତ ୩ଜଣଙ୍କୁ ଗିରଫ କରିବାରେ ସଫଳ ହୋଇଛି। ଏନେଇ ବାଲେଶ୍ୱର ଏସ୍‌ପି ସାଗରିକା ନାଥ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ଉତ୍ତର ଓଡ଼ିଶାର ଜଳେଶ୍ୱର, ଭୋଗରାଇ, କମର୍ଦ୍ଦା, ତାଳସାରୀ ମେରାଇନ, ରାଇବଣିଆ, ରାସଗୋବିନ୍ଦପୁର, ଖୁଣ୍ଟା, ମୋରଡା ଓ ପଶ୍ଚିମବଙ୍ଗର ଦାନ୍ତୁନ, ନୟାଗ୍ରାମ, ମୋହନପୁର, ଆଗ୍ରା, ରାମନଗର, କାନ୍ଥି ଓ ଦୀଘା ଅଞ୍ଚଳରୁ ବହୁ ବାଇକ, କାର, ଟ୍ରକ, ପିକଅପ, ଟ୍ରାକ୍ଟର, ଟେମ୍ପୋ ଚୋରି ହୋଇଆସୁଥିଲା। ବିଭିନ୍ନ ର୍ୟାକେଟ ଦ୍ୱାରା ଏହି କାର୍ଯ୍ୟ ଚାଲୁଥିବା ବେଳେ ଉପାନ୍ତ ଅଞ୍ଚଳର ଥାନାଗୁଡିକ ଠିକ୍ ଭାବେ ସୁରାକ ପାଇପାରୁ ନ ଥିଲେ। ରାଇବଣିଆ ଥାନା ଆଇଆଇସି ଏହି ମାମଲାରେ ବହୁ ବ୍ୟକ୍ତି ଜଡ଼ିତ ଥିବା ଜାଣି ପାରି ଏସ୍‌ପି ନାଥଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏଥିରେ ସେ ଏକ ଟିମ୍ ଗଠନ କରି ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଫଳରେ ରାଇବଣିଆ ଆଇଆଇସି ଗୋବିନ୍ଦ ଚନ୍ଦ୍ର ବେହେରା, ସୁଜୟ ଚକ୍ରବର୍ତ୍ତୀ, ସଞ୍ଜିବ ବିଶ୍ୱାଳ, ରମେଶ ଜେନା, ସୁଶାନ୍ତ ପଣ୍ଡା, ଦେବେନ୍ଦ୍ର ସେଠୀ, ସୁଜାତା ଦାସ ଓ ସବିତା ଗାଡ଼ଙ୍କୁ ନେଇ ଏକ ଟିମ୍ ଗଠନ ହୋଇ ଉପାନ୍ତ ଅଞ୍ଚଳରେ ବହୁ ସ୍ଥାନରେ ଚଢାଉ ହୋଇଥିବା ଏସ୍‌ପି ସୂଚନା ଦେଇଛନ୍ତି। ଏହି ମାମଲାରେ ଦାନ୍ତୁନ ଥାନାର କଣ୍ଟାଗଡିଆ ଗାଁର ଜଣେ ଯୁବକ ଓ ତରାରୋଇ ଗାଁର ଅନ୍ୟ ଜଣେ ଯୁବକ ମୁଖ୍ୟ ଲୁଟେରା ବୋଲି ଏସ୍‌ପି କହିଛନ୍ତି। ସେମାନଙ୍କୁ ରାଇବଣିଆ ଥାନା ଚୁଡ଼ାମଣିପୁର ଗାଁର ଜଣେ ୧୯ବର୍ଷ ଯୁବକ ସହାୟତା କରୁଥିବା ସେ କହିଛନ୍ତି। ମୋଟ ୧୮ ଟି ବାଇକ ଉଦ୍ଧାର ହୋଇଛି।


ଜବତ ବାଇକ୍।

### ରାସ୍ତାରୁ ମିଳିଲା ୨ ବର୍ଷର ଶିଶୁ

**ବାହାନଗା,୨୪।୧(ଡି.ଏନ.ଏ.)**

ବାଲେଶ୍ୱର ଜିଲା ବାହାନଗା ବ୍ଲକ ଆରୁହାବାଡ ପଞ୍ଚାୟତ ଦୋଳପୁର ରାସ୍ତାରେ ମଙ୍ଗଳବାର ସନ୍ଧ୍ୟାରେ ଏକ ୨ବର୍ଷର ଶିଶୁ ଚିତ୍କାର କରି କାନ୍ଦୁଥିବା ଦେଖିବାକୁ ମିଳିଥିଲା। ପାଖରେ ରହୁଥିବା ହେମଲତା ଘଡେଇ ନାମ୍ନୀ ମହିଳା ଘରୁ ବାହାରିବା ବେଳେ ବିପରୀତ ଦିଗରୁ ଏକ ମୋଟରସାଇକେଲ ଆସି ସେଠାରେ ପହଞ୍ଚିଥିଲା। ତଳେ ପଡି ଶିଶୁଟିର ମୁଣ୍ଡରେ ଆଘାତ ଲାଗି ରକ୍ତସ୍ରାବ ହେଉଥିବାରୁ ବାଇକ୍‌ରେ ଆସିଥିବା ବରିପଦାର ଗଣେଶ ସାହୁଙ୍କ ସହିତ ହେମଲତା ଶିଶୁକୁ ଗୋପାଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ଖବରପାଇ ଶିଶୁଟିର ମା'ବାପା ଡାକ୍ତରଖାନାରେ ଆସି ପହଞ୍ଚିଛନ୍ତି। କେହି ତାଙ୍କ ଶିଶୁଙ୍କୁ ଅପହରଣ କରି ନେଉଥିବା ବେଳେ ରାସ୍ତାରେ ପକାଇ ଦେଇଯାଇଥିବା ସେମାନେ କହିଛନ୍ତି। ପୋଲିସ ପହଞ୍ଚି ପଚରାଉଚୁରା କରୁଛି।

# ନାଇଟ୍ ପାର୍ଟି ଆୟୋଜନ କରି ଫସିଲେ ଯୁବକ

### ଭୀମକୁଣ୍ଡ ପର୍ଯ୍ୟଟନସ୍ଥଳୀରେ ବେଆଇନ କାର୍ଯ୍ୟ

**ପାଟଣା,୨୪।୧(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ପାଟଣା ବ୍ଲକ ଡୁମୁରିଆ ପଞ୍ଚାୟତ ଘାଟବାଲି ଯୋଡ଼ି ଗ୍ରାମସ୍ଥିତ ବୈତରଣୀ ନଦୀ ଭୀମକୁଣ୍ଡ ପର୍ଯ୍ୟଟନସ୍ଥଳୀରେ ବେଆଇନ ନାଇଟ୍ ପାର୍ଟି ଆୟୋଜନ କରି ଜଣେ ଯୁବକ ଫସିଛନ୍ତି। ଘଟଗାଁ ଥାନା ପୋଲିସ ତାଙ୍କ ନାମରେ ଏକ ମାମଲା(ନଂ.୧୫/୨୩) ରୁଜୁ କରିଛି। ସେ ହେଲେ କଟକ ଜିଲା ଟାଙ୍ଗି ଥାନା ଅଧୀନ ଜିଲେଟରୁଆ ଗ୍ରାମର ଜାହିଦ ଆକ୍ତାର(୪୧)।

ନେଚର କ୍ୟାମ୍ପ ଡାଞ୍ଚାରେ ବେଆଇନ ଭାବେ ୮ଟି ତମ୍ବୁ ପକାଇ ସେ ରାଜ୍ୟର ବିଭିନ୍ନ ଅଞ୍ଚଳର ପର୍ଯ୍ୟଟକଙ୍କୁ ଆଣି ନାଇଟ ପାର୍ଟିର ଆୟୋଜନ କରୁଥିଲେ। ଏହି ପାର୍ଟିରେ ନାଚ ଗୀତ ସହ ମଦ ମାଂସର ଆସର ଜମୁଥିଲା। ଘଟଗାଁ ପୋଲିସ ରବିବାର ରାତିରେ ଚଢ଼ାଉ କରି ଏଭଳି ବେଆଇନ କାର୍ଯ୍ୟକୁ ବନ୍ଦ କରିଥିଲା। ଉକ୍ତ ଦିନ ଭୁବନେଶ୍ୱରରୁ ଆସିଥିବା ୧୮ରୁ ଊର୍ଦ୍ଧ୍ୱ ଯୁବତୀ ଯୁବକ ନାଇଟ୍ ପାର୍ଟିରେ ସାମିଲ ହୋଇଥିଲେ। ଘଟଗାଁ ଥାନା ଏସ୍ଆଇ ତପନ କୁମାର ଜେନା, ଏଏସ୍ଆଇ ରାମଚନ୍ଦ୍ର ସ୍ୱାଇଁ ସଦଳବଳ ଚଢ଼ାଉ କରିଥିଲେ। ନାଇଟ୍ ପାର୍ଟି ପାଇଁ କୌଣସି ଅନୁମତି ଦିଆଯାଇ ନ ଥିବା ପାଟଣା ତହସିଲଦାର ତାପସ ରଞ୍ଜନ ଦେହୁରୀ କହିବା ପରେ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବା ଏସ୍‌ଡିପିଓ ସୁଶୀଳ କୁମାର ମିଶ୍ର କହିଛନ୍ତି।



ନାଇଟ୍ ପାର୍ଟି ପାଇଁ ପକାଯାଇଥିବା ତମ୍ବୁ।

# ଭଦ୍ରାଣୀ ସମ୍ମାନ ସମାରୋହ


ସମାରୋହରେ ଅତିଥିଙ୍କ ସହ ସମ୍ମାନିତ ପ୍ରତିଭା।

**ଭଦ୍ରକ ଅଫିସ,୨୪।୧**

ପୁଣ୍ୟଶ୍ଳୋକ ଭଗବାନ ଦ୍ୱିବେଦୀଙ୍କ ସମଗ୍ର ଜୀବନ ସେବା ଓ ପ୍ରେମରେ ସମର୍ପିତ ଥିଲା। ଭଗବାନ ସତ୍ୟସାଇଙ୍କ ସଂସ୍ପର୍ଶରେ ଆସିବା ପରେ ମାନବ ସେବା ହିଁ ମାଧବ ସେବା ତାଙ୍କ ଜୀବନର ବ୍ରତ ହୋଇଥିଲା ବୋଲି ଭଦ୍ରାଣୀ ସମ୍ମାନ ସମାରୋହରେ ମୁଖ୍ୟଅତିଥି ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀର ସର୍ବୋଚ୍ଚ ଅତିବଡ଼ି ସମ୍ମାନରେ ବିଭୂଷିତ ଡ. ରାମଚନ୍ଦ୍ର ବେହେରା ମତବ୍ୟକ୍ତ କରିଥିଲେ। ସ୍ତମ୍ଭକାର ଅଭୟ ଦ୍ୱିବେଦୀଙ୍କ ପୌରୋହିତ୍ୟରେ ଭଗବାନ ଦ୍ୱିବେଦୀଙ୍କ ସ୍ମୃତିରେ ଭଦ୍ରକ ସହର ସାଳନ୍ଦୀ ନଗର ଭଦ୍ରାଣୀ ବାଟିକାରେ ଏହି ସମାରୋହ ଅନୁଷ୍ଠିତ ହୋଇଥିଲା। 'ଆଦୃତା ଶିଶୁ ସଦନ'ର ପ୍ରତିଷ୍ଠାତା ତଥା ତ୍ରିପୁରା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପ୍ରଫେସର ଆଦିତ୍ୟ କୁମାର ମହାନ୍ତିଙ୍କୁ 'ଭଦ୍ରାଣୀ ସେବା ସମ୍ମାନ' ଏବଂ ହିମାଚଳପ୍ରଦେଶ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଆସୋସିଏଟ ପ୍ରଫେସର ଡ. ଗୌରୀଶଙ୍କର ସାହୁଙ୍କୁ ଉଦୀୟମାନ ପ୍ରତିଭାବନ୍ତ ସ୍ତମ୍ଭକାର ଭାବେ 'ଭଦ୍ରାଣୀ ସ୍ତମ୍ଭ ସାହିତ୍ୟ ସମ୍ମାନ–ତରୁଣବର୍ଗ' ପ୍ରଦାନ କରାଯାଇଥିଲା। ଭଦ୍ରକ ଦାମୋଦର ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ପ୍ରମୋଦ ନାୟକ ସମାରୋହର ଆଭିମୁଖ୍ୟ ସମ୍ପର୍କରେ କହିଥିବା ବେଳେ ଅଧ୍ୟାପିକା ଡ. ମମତା ସାହୁ ମଞ୍ଚ ପରିଚାଳନା କରିଥିଲେ। ଡା. ହରେକୃଷ୍ଣ ନାୟକ, ରବୀନ୍ଦ୍ର ନାୟକ, ଦୁର୍ଯ୍ୟୋଧନ ଦାସ, ଶଶଧର ଦାସ, ଅଜୟ ନାୟକ, ଶୁଭ୍ରପ୍ରକାଶ ଦାସ, ମଦନ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଭଦ୍ରାଣୀ ଟ୍ରଷ୍ଟର ଅଧ୍ୟକ୍ଷା ମୀନୁ ଦ୍ୱିବେଦୀ ସଭା ପରିଚାଳନା କରିଥିଲେ।

# ୨୮୦ଗ୍ରାମ୍ ବ୍ରାଉନସୁଗାର ଜବତ

### ୨ ବାଇକ୍ ସହ ୪ ଗିରଫ

**ଜଳେଶ୍ୱର, ୨୪।୧(ଡି.ଏନ.ଏ.)**

ରାଜ୍ୟ ଅବକାରୀ କମିଶନର ଆଶିଷ କୁମାର ସିଂ ଓ ଯୁଗ୍ମ କମିଶନର ରାମଚନ୍ଦ୍ର ପାଲଟା ପଶ୍ଚିମବଙ୍ଗରୁ ବ୍ୟାପକ ବ୍ରାଉନସୁଗାର ଓ ମାଦକ ଦ୍ରବ୍ୟ ଓଡ଼ିଶାକୁ ପ୍ରବେଶ କରୁଥିବା ଗୋଇନ୍ଦା ସୂଚନା ପାଇ ରାଜ୍ୟ ଡେପୁଟି କମିଶନର ରଜତ ପ୍ରହରାଜ ଓ ବାଲେଶ୍ୱର ଅବକାରୀ ଅଧୀକ୍ଷକ ସୁଶାନ୍ତ କୁମାର ପାଢ଼ୀଙ୍କୁ ଧରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେମାନଙ୍କ ପରାମର୍ଶକ୍ରମେ କଟକ ଗୋଇନ୍ଦା ୟୁନିଟ ୨ ଉପଅଧୀକ୍ଷକ ପ୍ରତାପ ଚନ୍ଦ୍ର ଦାସ, ଆଇଆଇସି ସତ୍ୟଜିତ ଖଟୁଆଙ୍କ ତତ୍ତ୍ୱାବଧାନରେ ଜଳେଶ୍ୱର ଅବକାରୀ ଥାନାର ଓଆଇସି ଦେବେନ୍ଦ୍ର ବେହେରା ଓ ଅଭିରାମ ସାହୁଙ୍କ ନେତୃତ୍ୱରେ ଏକ ୧୦ଜଣିଆ ଟିମ୍ ୬୦ନଂ. ଜାତୀୟ ରାଜପଥର ଚାଳନ୍ତୀ ବାଇପାସ୍‌ଠାରେ ଜଗି ରହିଥିଲେ। ୨ଟି ବାଇକ୍‌ରେ ୧୯୦ଲିଟର ଦେଶୀ ପଶ୍ଚିମବଙ୍ଗ ମହୁଲି ତଥା ୨୮୦ଗ୍ରାମ୍ ବ୍ରାଉନସୁଗାର ଧରି ୪ ଯୁବକ ଯାଉଥିବା ବେଳେ ସେମାନଙ୍କୁ କାବୁ କରିଥିଲେ। ବସ୍ତା ଥାନା ଦରଡା ଗାଁର ଅଶୋକ କୁମାର ବିଶ୍ୱାଳ ଓ ପଦ୍ମଲୋଚନ ତରାଇ ବ୍ରାଉନସୁଗାର ନେଇ ଗଲାବେଳେ ଅବକାରୀ ବିଭାଗ ଧରିବାକୁ ସଫଳ ହୋଇଥିଲେ। ସେହିପରି ମୟୂରଭଞ୍ଜ ଜିଲାର ଗୋବିନ୍ଦପୁର ଅଞ୍ଚଳର ରାଜୁ ଟୁଡୁ ଓ ରଘୁଆ ମାରାଣ୍ଡି ୧୯୦ଲିଟର ମଦ ନେଇ ଗଲାବେଳେ ଅବକାରୀ ବିଭାଗ ଜବତ କରିବାରେ ସକ୍ଷମ ହୋଇଛି।

### ମହିଳାଙ୍କଠାରୁ ମିଳିଲା ୧୭.୦୨ ଗ୍ରାମ୍

**ବାଲେଶ୍ୱର ଅଫିସ, ୨୪।୧**

ବାଲେଶ୍ୱର ସହର ଅରଡ଼ବଜାରରୁ ପୁଣି ବ୍ରାଉନସୁଗାର ଜବତ ହୋଇଛି। ସହଦେବଖୁଣ୍ଟା ମଡ଼େଲ ଥାନା ପୋଲିସ ପକ୍ଷରୁ ମଙ୍ଗଳବାର ଏକ ସ୍ୱତନ୍ତ୍ର ଟିମ୍ ଚଢ଼ାଉ କରି ୧୭.୦୨ ଗ୍ରାମ୍ ବ୍ରାଉନସୁଗାର ଓ ନଗଦ ୮ହଜାର ୧୯୦ ଟଙ୍କା ଜବତ ସହ ଜଣେ ମହିଳାଙ୍କୁ ଗିରଫ କରିଥିଲା। ଉକ୍ତ ମହିଳା ହେଲେ ସାହେଲା ବିବି (୬୫)। ମାମଲା (ନଂ. ୧୮/୨୩) ରୁଜୁ ହୋଇଥିବା ମଙ୍ଗଳବାର ସହଦେବଖୁଣ୍ଟା ଥାନା ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ପି ସାଗରିକା ନାଥ ସୂଚନା ଦେଇଛନ୍ତି।

# ସିଏସ୍‌କେ ଟିମ୍ ଚାମ୍ପିୟନ

### ସର୍ଟ ବାଉଣ୍ଡରି କ୍ରିକେଟ ଟୁର୍ନାମେଣ୍ଟ

**ଯୋଡା,୨୪।୧(ଡି.ଏନ.ଏ.):** କେନ୍ଦୁଝର ଜିଲା ଯୋଡ଼ା ଶାସ୍ତ୍ରୀନଗର ୟୁଥ କ୍ଲବ ପକ୍ଷରୁ ଏନଏସି ଗେଟ ଛକସ୍ଥିତ ପୌରପାଳିକା ସ୍ପୋର୍ଟସ କମ୍ପ୍ଲେକ୍ସଠାରେ ଆୟୋଜିତ ଶାସ୍ତ୍ରୀନଗର ଦ୍ୱିତୀୟ ଫ୍ଲଡ ଲାଇଟ ସର୍ଟ ବାଉଣ୍ଡରି କ୍ରିକେଟ ଟୁର୍ନାମେଣ୍ଟ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ ସିଏସ୍‌କେ ବନାମ ଫାୟାର ଫୋର୍ସ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଫାୟାର ଫୋର୍ସ ପ୍ରଥମେ ବ୍ୟାଟିଂ କରି ୬ଓଭରରେ ୯୪ ରନ କରିଥିଲା। ଜବାବରେ ସିଏସ୍‌କେ ଟିମ୍ ଆବଶ୍ୟକ ରନ ସଂଗ୍ରହ କରି ଚାମ୍ପିୟନ ହୋଇଥିଲା। ଏହି ଟୁର୍ନାମେଣ୍ଟରେ ଯୋଡ଼ା ସହରର ୧୬ଟି ଟିମ୍ ଅଂଶ ଗ୍ରହଣ କରିଥିଲେ। ମ୍ୟାନ ଅଫ ଦି ମ୍ୟାଚ ଭାବେ ବିରବଲ ଯାଦବ, ମ୍ୟାନ ଅଫ ଦି ସିରିଜ ପ୍ରେମ ଯାଦବ, ବେଷ୍ଟ ବୋଲର ଭାବେ ବୁବୁ, ବେଷ୍ଟ ଫିଲ୍ଡର ସୁବ୍ରତ ନାୟକ, ଓ ଶୃଙ୍ଖଳିତ ଟିମ ଭାବେ ସେଭେନ ସ୍ଟାରକୁ ମନୋନୀତ କରାଯାଇ ପୁରସ୍କୃତ କରାଯାଇଥିଲା।


ଟ୍ରଫି ସହ ଚାମ୍ପିୟନ ଟିମ୍‌ର ଖେଳାଳିମାନେ।

# ନାବାଳିକା ଅସଦାଚରଣ ମାମଲାରେ ୭ବର୍ଷ ଜେଲ

**ବାଲେଶ୍ୱର ଅଫିସ, ୨୪।୧**

ନାବାଳିକା ଅସଦାଚରଣ ମାମଲାର ବିଚାର କରି ମଙ୍ଗଳବାର ବାଲେଶ୍ୱର ସ୍ୱତନ୍ତ୍ର ଜଜ୍ (ପୋକ୍‌ସୋ) ରଞ୍ଜନ କୁମାର ସୂତାର ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ୭ବର୍ଷ ଜେଲ୍ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହାସହ ୭ହଜାର ଟଙ୍କା ଜରିମାନା ଦେବା ଲାଗି ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷରେ ପୀଡ଼ିତାଙ୍କୁ ୧ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ରାଶି ଯୋଗାଇ ଦେବା ପାଇଁ ଜିଲା ଆଇନ ସେବା ପ୍ରାଧିକରଣ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି।

ବାଲିଆପାଳ ଥାନା ଅଧୀନ ମଧୁପୁରା ଅଞ୍ଚଳର ଏକ ପରିବାର ନୂଆ ଘର ତିଆରି କରୁଥିବାରୁ ନିକଟସ୍ଥ ଖଗଡ଼ାପାଳ ଗ୍ରାମରେ ଭାସ୍କର ସାହୁଙ୍କ ଘରେ ଭଡ଼ା ନେଇ ରହୁଥିଲେ। ଗତ ୨୦୨୧ ସେପ୍ଟେମ୍ବର ୧୬ ତାରିଖ ମଧ୍ୟାହ୍ନରେ ଭଡ଼ା ରହୁଥିବା ଦମ୍ପତିଙ୍କ ୭ବର୍ଷର ଝିଅଙ୍କୁ ଘର ମାଲିକ ଭାସ୍କର ଡାକିଥିଲେ। ପରେ ନାବାଳିକାଙ୍କ ସହିତ ଅସଦାଚରଣ କରିଥିଲେ। ଏହି ଘଟଣା ଜାଣିବା ପରେ ନାବାଳିକାଙ୍କ ମା' ପ୍ରଥମେ ଡାକ୍ତରଖାନାରେ ଚିକିତ୍ସା କରାଇଥିଲେ। ଗତ ୨୦୨୧ ସେପ୍ଟେମ୍ବର ୧୯ତାରିଖରେ ବାଲିଆପାଳ ଥାନାରେ ଏନେଇ ଲିଖିତ ଅଭିଯୋଗ କରିଥିଲେ। ଏନେଇ ମାମଲା (ନଂ. ୧୬୪/୨୧) ରୁଜୁ କରାଯାଇଥିଲା। ଉକ୍ତ ମାମଲା ପୋକ୍‌ସୋ କୋର୍ଟରେ ବିଚାରାଧୀନ ଥିଲା। ମଙ୍ଗଳବାର ଜଜ୍ ୨୧ ସାକ୍ଷ୍ୟ ଓ ୧୧ ଦସ୍ତାବିଜ୍ ଆଧାରରେ ବିଚାର କରି ଉପରୋକ୍ତ ଦଣ୍ଡାଦେଶ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ପ୍ରଣବ କୁମାର ପଣ୍ଡା ମାମଲା ପରିଚାଳନା କରୁଥିଲେ।

# ୬୭୦ ଏସ୍ଏଚ୍‌ଜିଙ୍କୁ ୨୨.୨୨ କୋଟି ଋଣ



ଋଣମେଳାରେ ଏସ୍ଏଚ୍‌ଜି ମହିଳାଙ୍କୁ ଚେକ୍ ପ୍ରଦାନ କରାଯାଉଛି।

**ଭଦ୍ରକ ଅଫିସ, ୨୪।୧**

ଭଦ୍ରକ ସହର ଗାନ୍ଧୀପଡ଼ିଆଠାରେ ବ୍ଲକସ୍ତରୀୟ ମିଶନ ଶକ୍ତି ଋଣ ମେଳା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ମହିଳା ଓ ଶିଶୁ ବିକାଶ ତଥା ମିଶନ ଶକ୍ତି ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ, ମିଶନ ଶକ୍ତି ଜରିଆରେ ମହିଳାମାନଙ୍କୁ ସ୍ୱାବଲମ୍ବୀ କରାଇବା ସହ ସେମାନଙ୍କ ବିକାଶ ପାଇଁ ରାଜ୍ୟ ସରକାର ସବୁବେଳେ ପ୍ରୟାସ ଜାରି ରଖିଛନ୍ତି। ବିନା ସୁଧରେ ଋଣ ପ୍ରଦାନ କରି ମହିଳା ଗୋଷ୍ଠୀଙ୍କୁ ଆତ୍ମନିର୍ଭରଶୀଳ କରାଇବା ସହ ସେମାନଙ୍କ ଆର୍ଥିକ ସ୍ଥିତି ମଜଭୁତ କରିବା ପାଇଁ ସରକାର ଲକ୍ଷ୍ୟ ରଖିଛନ୍ତି। ଏମ୍‌ପି ମଞ୍ଜୁଲତା ମଣ୍ଡଳ, ବିଧାୟକ ସଞ୍ଜୀବ କୁମାର ମଲ୍ଲିକ, ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଜିଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଯେନା, ଉପାଧ୍ୟକ୍ଷା ଚୁନିବାଳା ସ୍ୱାଇଁ, ବ୍ଲକ ଅଧ୍ୟକ୍ଷା ଉର୍ମିଳା ନାୟକ, ଉପାଧ୍ୟକ୍ଷ ମୁକୁନ୍ଦଦେବ ସାମଲ, ବିଡିଓ ସୀତାକାନ୍ତ ରାଉତଙ୍କ ସହ ବିଭିନ୍ନ ବ୍ୟାଙ୍କର୍ସ ଏଥିରେ ଯୋଗ ଦେଇଥିଲେ। ୬୭୦ ସ୍ୱୟଂସହାୟିକା ଗୋଷ୍ଠୀ (ଏସ୍ଏଚ୍‌ଜି)କୁ ୨୨ କୋଟି ୨୨ ଲକ୍ଷ ଟଙ୍କା ଋଣ ପ୍ରଦାନ କରାଯାଇଛି।

# ବିଜ୍ଞାନମେଳାରେ ୫୫ ପ୍ରକଳ୍ପ

**ଖଇରା, ୨୪।୧(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଅଧୀନ ଖଇରା ବଜାରସ୍ଥିତ ଆଦର୍ଶଶିକ୍ଷା ମନ୍ଦିରରେ ଛାତ୍ରୀଛାତ୍ରମାନଙ୍କୁ ନେଇ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି । ସରପଞ୍ଚ ମାଳତୀ ସେଠୀ ଏହାକୁ ଉଦ୍‌ଘାଟନ କରିଥିଲେ । ମୋଟ ୫୫ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ବିଚାରକ ଭାବେ ସୁନ୍ଦରପୁର ହାଇସ୍କୁଲର ବିଜ୍ଞାନ ଶିକ୍ଷୟିତ୍ରୀ ସବିତା ବାରିକ ଓ ନହଙ୍ଗ ହାଇସ୍କୁଲର ବିଜ୍ଞାନ ଶିକ୍ଷକ ଭବେଶ ଚନ୍ଦ୍ର ଦେଉରୀ ଯୋଗ ଦେଇଥିଲେ। ବିଦ୍ୟାଳୟ ନିର୍ଦ୍ଦେଶକ ପ୍ରଭାତ କୁମାର ଜେନା, ପ୍ରଧାନ ଶିକ୍ଷକ ମଣିକିଙ୍କର ଜେନା ତଥା ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଏହାକୁ ପରିଚାଳନା କରିଥିଲେ । ଆସନ୍ତା ବାର୍ଷିକ ଉତ୍ସବରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ।


ପିଲାମାନେ ବିଭିନ୍ନ ପ୍ରକଳ୍ପ ବୁଲି ଦେଖୁଛନ୍ତି।

TPCODL
TP CENTRAL ODISHA DISTRIBUTION LIMITED
(A Tata Power and Odisha Government Joint Venture)
ମାନ୍ୟବର ଓଡ଼ିଶା ବିଦ୍ୟୁତ ନିୟାମକ ଆୟୋଗ ଦ୍ୱାରା ୩୧ ମଇ ୨୦୨୦ ସୁଦ୍ଧା ଥିବା ସମସ୍ତ ବିଦ୍ୟୁତ ବକେୟା ଦେୟ (ଏରିଅର୍) ର ପଇଠ ନିମନ୍ତେ ଏକକାଳୀନ ସମାଧାନ ଯୋଜନା (OTS Scheme) ର ରିହାତି ପାଇବା ପାଇଁ
ଉପଭୋକ୍ତା ମାନେ ନିମ୍ନଲିଖିତ ମାଧ୍ୟମରେ ନିଜର ନାମ, ଉପଭୋକ୍ତା ନମ୍ବର ଏବଂ ମୋବାଇଲ ନମ୍ବର ପଞ୍ଜିକୃତ କରାନ୍ତୁ।
ଅଫର ସିମିତ ସମୟ ପର୍ଯ୍ୟନ୍ତ
୩୦% ପର୍ଯ୍ୟନ୍ତ ବିଦ୍ୟୁତ ଦେୟ ଉପରେ ଏବଂ ୮୦% ପର୍ଯ୍ୟନ୍ତ DPS ଉପରେ ରିହାତି ପାଆନ୍ତୁ
• ଦେୟ ମୁକ୍ତ କଲ ସେଣ୍ଟର ନମ୍ବର ( ୧୯୧୨/୧୮୦୦-୩୪୫-୭୧୨୨)
• ଗ୍ରାହକ ସେବା କେନ୍ଦ୍ର
• ସବ୍ ଡିଭିଜନ / ଡିଭିଜନ ଅଫିସ / ସେକ୍ସନ କାର୍ଯ୍ୟାଳୟ
• ଗାଁ ଚାଲ କ୍ୟାମ୍ପ
• ହ୍ୱାଟ୍‌ସଆପ / ଏସ୍ ଏମ୍ ଏସ୍ (OTS-CA NO / Customer ID) କୁ ୯୧୨୪୯୯୮୭୨୯

**ମଦ ବେପାରୀ ଗିରଫ**

**ଖୁଣ୍ଟା,(ଡି.ଏନ.ଏ.):** ଖୁଣ୍ଟା ଅବକାରୀ ବିଭାଗ କନ୍ହେଇବନ୍ଧଠାରେ ଚଢ଼ାଉ କରି ଜଣେ ମଦ ବେପାରୀଙ୍କୁ ଗିରଫ କରିଛି। ତାଙ୍କଠାରୁ ଏକ ବାଇକ୍ ଓ ୪୦ ଲିଟର ଦେଶୀ ମହୁଲିମଦ ଜବତ ହୋଇଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ଉଦଳା ଥାନା ଅଧୀନ ବରହମପୁର ଗ୍ରାମର ହରିଶଚନ୍ଦ୍ର ସିଂ। ଜିଲା ଅବକାରୀ ଅଧୀକ୍ଷକ ପ୍ରସନ୍ନ କଅଁରଙ୍କ ନିର୍ଦ୍ଦେଶକ୍ରମେ ଖୁଣ୍ଟା ଅବକାରୀ ଉପ ନିରୀକ୍ଷକ ବି.କେ ମହାନ୍ତଙ୍କ ନେତୃତ୍ୱରେ କର୍ମଚାରୀ ତମନ ପରିଡ଼ା, ଦୀପାଞ୍ଜଳି ଦାସଙ୍କ ସମେତ ଅନ୍ୟ କର୍ମଚାରୀମାନେ ଚଢ଼ାଉରେ ସାମିଲ ଥିଲେ।

# ବିଦ୍ୟାଳୟ ସମସ୍ୟା ନେଇ ରାସ୍ତାରୋକୋ

- ୨ କକ୍ଷରେ ପଢ଼ୁଛନ୍ତି ୮ଶ୍ରେଣୀର ଛାତ୍ରୀଛାତ୍ର
- ଗୃହ, ଛାତ୍ରାବାସ ନିର୍ମାଣ ଦାବି

**ବାରିପଦା ଅଫିସ,୨୪।୧**

ମୟୂରଭଞ୍ଜ ଜିଲା ବାରିପଦା-ଚିତ୍ରଡ଼ା ରାଜ୍ୟ ରାଜପଥର ଶଙ୍ଖାଭଙ୍ଗାଠାରେ ବିଦ୍ୟାଳୟ ସମସ୍ୟାକୁ ନେଇ ଅଭିଭାବକ ଓ ଗ୍ରାମବାସୀ ମଙ୍ଗଳବାର ରାସ୍ତାରୋକୋ କରିଥିଲେ। ଦୀର୍ଘ ଦିନ ଧରି ସ୍କୁଲରେ ନୂତନ ଶ୍ରେଣୀ ଗୃହ ଓ ଛାତ୍ରାବାସ ନିର୍ମାଣ ପାଇଁ ଦାବିକରି ବିଫଳ ହେବା ପରେ ସେମାନେ ବିକ୍ଷୋଭ ଓ ଧାରଣା ଦେଇଥିବା କହିଛନ୍ତି। ଖବରପାଇ ବିଭାଗୀୟ ଅଧିକାରୀ, ବାରିପଦା ତହସିଲଦାର ବିକ୍ରମ କେଶରୀ ପରିଡ଼ା, ସରପଞ୍ଚ ଲକ୍ଷ୍ମୀ ହେମ୍ବ୍ରମ ଓ ସଦର ଥାନା ଅଧିକାରୀ ମଧୁସ୍ମିତା ମହାନ୍ତି ପ୍ରମୁଖ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ଚଳିତ ବର୍ଷ ଡିସେମ୍ବର ସୁଦ୍ଧା ନୂତନ ଗୃହ ନିର୍ମାଣ ହେବ ବୋଲି ପ୍ରତିଶ୍ରୁତି ମିଳିବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା।

ସୂଚନା ଅନୁଯାୟୀ, ୧୯୬୦ରେ ଶଙ୍ଖାଭଙ୍ଗା ପ୍ରାଥମିକ ବିଦ୍ୟାଳୟ ସ୍ଥାପିତ ହୋଇଥିଲା। ଏଥିରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୧୪୮ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିବା ବେଳେ ୭ଜଣ ଶିକ୍ଷକ ଶିକ୍ଷାଦାନ କରୁଛନ୍ତି। ସ୍କୁଲର ଦୁଇଟି କକ୍ଷରେ ସମସ୍ତ ୮ଟି ଶ୍ରେଣୀର ଛାତ୍ରୀଛାତ୍ର ଏକାଠି ବସି ପାଠ ପଢୁଥିବାରୁ ଶିକ୍ଷାଦାନରେ ଅନେକ ଅସୁବିଧା ପରିଲକ୍ଷିତ ହେଉଛି। ଗୋଟିଏ କକ୍ଷରେ ୪ଟି ଶ୍ରେଣୀର ପିଲା ପାଠ ପଢୁଥିବାରୁ ଉଚିତ ଶିକ୍ଷା ପାଇବାରୁ ବଞ୍ଚିତ ହେଉଥିବା ଅଭିଭାବକ ଗଜେନ୍ଦ୍ର ସୋରେନ, ଦୁର୍ଗା ଟୁଡୁ ଓ ପୁଟୁରାମ କିସ୍କୁ ପ୍ରକାଶ କରିଛନ୍ତି। ଏପରିକି ପିଲା ସଂଖ୍ୟା ବୃଦ୍ଧି ପାଉଥିବାରୁ ଶିକ୍ଷକମାନେ ବାଧ ହୋଇ ସ୍କୁଲ ବାରଣ୍ଡା ଓ ଗଛ ମୂଳେ ପାଠ ପଢ଼ାଉଛନ୍ତି ବୋଲି ଗ୍ରାମର ମେଘରାୟ ସୋରେନ, ଗଙ୍ଗାଧର ସୋରେନ ଓ ଅଶୋକ ମହାନ୍ତ କହିଛନ୍ତି। ରାଜ୍ୟ ସରକାରଙ୍କ ୫-ଟି ଅଧୀନରେ ସ୍କୁଲ ରୂପାନ୍ତରୀକରଣ କରୁଥିବା ବେଳେ ୬୩ବର୍ଷରେ ପଦାର୍ପଣ କରିଥିବା ଏହି ସ୍କୁଲ ପ୍ରତି ବ୍ଲକ କିମ୍ବା ଜିଲା ପ୍ରଶାସନର ଦୃଷ୍ଟି ପଡୁନାହିଁ। ବାରମ୍ବାର ପ୍ରଶାସନ ଓ ରାଜନେତାଙ୍କଠାରେ ଦାବି କରିବା ପରେ ମଧ କୌଣସି ସୁଫଳ ମିଳିପାରୁନାହିଁ। ଏପରିକି ଗ୍ରାମବାସୀ ଓ ପରିଚାଳନା ସମିତି ପକ୍ଷରୁ ଜିଲାପାଳଙ୍କ ନିକଟରେ ଅଭିଯୋଗ ପୂର୍ବକ ଦାବିପତ୍ର ପ୍ରଦାନ କରାଯାଇଥିଲେ ହେଁ ଅଦ୍ୟାବଧି ସମସ୍ୟାର ସମାଧାନ ହୋଇ ପାରିନାହିଁ। ଏହାର ପ୍ରତିବାଦରେ ବାଦଲ ହେମ୍ବ୍ରମଙ୍କ ନେତୃତ୍ୱରେ ଗ୍ରାମର ମହିଳାପୁରୁଷ ରାଜରାସ୍ତାକୁ ଓହ୍ଲାଇ ଦାବି ଉପସ୍ଥାପନ କରିଛନ୍ତି। ପ୍ରଶାସନ ପ୍ରତିଶ୍ରୁତି ପାଳନ ନ କଲେ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ସମିତି ସଭ୍ୟା ପାର୍ବତୀ ହେମ୍ବ୍ରମ, ଅଭିଭାବକ ଫାଟୁ ବିନ୍ଧାଣୀ ପ୍ରମୁଖ ଚେତାବନୀ ଦେଇଛନ୍ତି।



ରାସ୍ତା ଅବରୋଧ କରିଥିବା ଅଭିଭାବକ ଓ ଗ୍ରାମବାସୀ।

## ‘ନେତାଜୀ ବିଶ୍ୱ ଇତିହାସର ପ୍ରମୁଖ ଚରିତ୍ର’

**ସିଟିଜି ପକ୍ଷରୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ**

**କେନ୍ଦୁଝର,୨୪।୧(ଡି.ଏନ୍.ଏ.)**

କେନ୍ଦୁଝରର ନିୟୁ କଲୋନୀସ୍ଥିତ ସିଟିଜି ଫାଉଣ୍ଡେସନ ଦ୍ୱାରା ପ୍ରତିଷ୍ଠିତ କେନ୍ଦୁଝର ହାୟର ସେକେଣ୍ଡାରୀ ସ୍କୁଲ ଏବଂ କେନ୍ଦୁଝର ଡିଗ୍ରୀ କମର୍ସ କଲେଜରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କର ୧୨୬ତମ ଜନ୍ମ ଦିବସରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। କଲେଜର ପ୍ରତିଷ୍ଠାତା ତଥା ଚେୟାରମ୍ୟାନ ରୋଟାରିଆନ ଡ.ରାଜେନ୍ଦ୍ର କୁମାର ପଲେଇଙ୍କ ତତ୍ତ୍ୱାବଧାନରେ ଜୟନ୍ତୀ ଉତ୍ସବ ପାଳନ କରାଯାଇଥିଲା। କଲେଜର ଅଧକ୍ଷ ମାନସ ରଞ୍ଜନ ମହାପାତ୍ର ଯୋଗଦେଇ ଭାରତୀୟ ସ୍ୱାଧୀନତା ସଂଗ୍ରାମକୁ ନେତାଜୀଙ୍କ ଅବଦାନ କିଛି କମ୍ ନୁହେଁ, ସେ ଥିଲେ ବିଶ୍ୱ ନେତା ଏବଂ ବିଶ୍ୱ ଇତିହାସର ଜଣେ ପ୍ରମୁଖ ଚରିତ୍ର ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭାଇସ ପ୍ରିନ୍ସିପାଲ କୃଷ୍ଣଚନ୍ଦ୍ର ମହାନ୍ତି, ରସାୟନ ବିଜ୍ଞାନ ବିଭାଗ ଅଧ୍ୟାପକ ସ୍ୱାଭିମାନ ଖଟୁଆ ଉଦ୍‌ବୋଧନ ଦେଇଥିଲେ। କଲେଜର ଅନ୍ୟ ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରଛାତ୍ରୀମାନେ ଆଲୋଚନାରେ ଭାଗ ନେଇଥିଲେ। ପଦାର୍ଥ ବିଜ୍ଞାନ ବିଭାଗର ଅଧ୍ୟାପକ ଚିନ୍ମୟ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।



ଜୟନ୍ତୀ ଉତ୍ସବରେ ନେତାଜୀଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଉଛି।

## ଶିଶୁ ମହୋତ୍ସବ, ଶିକ୍ଷକ ସମ୍ବର୍ଦ୍ଧନା

**ଖଇରା, ୨୪।୧(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଅନ୍ତର୍ଗତ ଖଇରା ମଣ୍ଡଳ ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘ ଆନୁକୂଲ୍ୟରେ ଦ୍ୱାଦଶ ଯଦୁନାଥ ସ୍ମୃତି ଶିଶୁ ମହୋତ୍ସବ ଓ ଅବସରପ୍ରାପ୍ତ ଶିକ୍ଷକ ସମ୍ବର୍ଦ୍ଧନା ଉତ୍ସବ ସୋମବାର ମହତୀପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଖଇରା ମଣ୍ଡଳ ସଭାପତି ପ୍ରଫୁଲ୍ଲ କୁମାର ଦାଶଙ୍କ ପୌରୋହିତ୍ୟରେ ଆୟୋଜିତ ସ୍ମୃତିସଭାରେ ରାଜ୍ୟ ସଭାପତି ବିକ୍ରମ କୁମାର ଦାଶ ମୁଖ୍ୟଅତିଥି, ରାଜ୍ୟ ସାଧାରଣ ସମ୍ପାଦକ ସୁକାନ୍ତ କୁମାର ବେହେରା ମୁଖ୍ୟବକ୍ତା, ଏବିଇଓ ଶ୍ରୀଧର ବେହେରା ଓ ଗୌରାଙ୍ଗ ମହାପାତ୍ର, ସରପଞ୍ଚ ଆରତୀ ମହାନ୍ତି, ସମିତିସଭ୍ୟା ଭାନୁପ୍ରିୟା ସାହୁ, ଶିକ୍ଷକ ନେତା ବିଜୟ କୁମାର ଦ୍ୱିବେଦୀ, ବଳଭଦ୍ର ମିଶ୍ର, ସୁଶାନ୍ତ ଶେଖର ଦାଶ, ରବୀନ୍ଦ୍ର ପଣ୍ଡା, ଗୌରାଙ୍ଗ ପାଣିଗ୍ରାହୀ, ଜଗବନ୍ଧୁ ସାହୁ, ସୁଦର୍ଶନ ସେଠୀ ଓ ଶଙ୍କର୍ଷଣ ଜେନା ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗଦେଇ ଦିବଙ୍ଗତ ଶିକ୍ଷକ ଯଦୁନାଥ ନାୟକଙ୍କ ସମୟାନୁବର୍ତ୍ତିତା ଉପରେ ଆଲୋକପାତ କରିଥିଲେ। ଯଦୁନାଥ ସ୍ମୃତିକମିଟିର ଟ୍ରଷ୍ଟି ଉମାକାନ୍ତ ନାୟକ ସହଯୋଗ ପାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ସାରକୋଣା ୟୁପି ସ୍କୁଲ ପ୍ରଧାନଶିକ୍ଷକ ବସନ୍ତ କୁମାର ଦାସଙ୍କ ସମେତ ୩୦ଜଣ ଅବସରପ୍ରାପ୍ତ ଶିକ୍ଷକ, ବିଭିନ୍ନ ପ୍ରତିଯୋଗିତାରେ କୃତୀ ୧୯ଛାତ୍ରୀଛାତ୍ରଙ୍କୁ ମାନପତ୍ର ଓ ଉତ୍ତରୀୟ ପ୍ରଦାନ କରାଯାଇଥିଲା। ପିଲାମାନଙ୍କ ଦ୍ୱାରା ସ୍ୱାଗତ ନୃତ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।


ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସ୍ୱାଗତ ନୃତ୍ୟ ପରିବେଷଣ କରାଯାଉଛି।

### ସଂକ୍ଷେପରେ

## ଟ୍ରାକ୍ଟର ଧକ୍କାରେ ଶିଶୁ କନ୍ୟା ମୃତ

**ଲଙ୍ଗଳେଶ୍ୱର, ୨୪।୧(ଡି.ଏନ.ଏ.):** ବାଲେଶ୍ୱର ଜିଲା ବସ୍ତା ବ୍ଲକ ସିଂଲା ଥାନା ଅଧୀନ କାଦରାୟାଁ ଗ୍ରାମ ମଧ ଦେଇ ମଙ୍ଗଳବାର ଏକ ବେଆଇନ ବାଲି ବୋଝେଇ ଟ୍ରାକ୍ଟର ଯାଉଥିବା ବେଳେ ଦେଭୋଗ ବସ୍ତିଠାରେ ସମିରୁଦ୍ଦିଙ୍କ ୪ବର୍ଷର ଝିଅଙ୍କୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ଶିଶୁଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ପାଉଁଶକୁଲି ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ହେଲେ ଡ଼ାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଘଟଣାସ୍ଥଳରୁ ଡ୍ରାଇଭର ଫେରାର ହୋଇଯାଇଥିବା ବେଳେ ସେଠାରେ ଲୋକଙ୍କ ମଧ୍ୟରେ ଉତ୍ତେଜନା ଦେଖାଦେଇଥିଲା। ଉଲ୍ଲେଖଯୋଗ୍ୟ, ସ୍ଥାନୀୟ ପ୍ରଶାସନ ବେଆଇନ ବାଲି ଖାଦାନ ଉପରେ ୧୪୪ ଧାରା ରୋକ ଲଗାଇଥିବା ବେଳେ କିପରି ବାଲିଚାଲାଣ ହେଉଛି ସେନେଇ ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି।

## ଆରମ୍ଭ ହେଲା ଚିତ୍ରଡ଼ା ପ୍ରିମିୟର ଲିଗ୍

**ମୋରଡ଼ା,୨୪।୧(ଡି.ଏନ.ଏ.):** ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଚିତ୍ରଡ଼ା କାକୁଡିହା ପଡ଼ିଆରେ ଚିତ୍ରଡ଼ା ପ୍ରିମିୟର ଲିଗ ସିଜନ୍-୨ ଆରମ୍ଭ ହୋଇଛି। ବିଡିଓ ସାଗର ପାଲୋ, ତହସିଲଦାର ଅନନ୍ତ କୁମାର ହାଁସଦା ଏହି ଟୁର୍ଣ୍ଣାମେଣ୍ଟକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ବ୍ଲକ ଅଧକ୍ଷା ଜେମାମଣି ମହାନ୍ତ, ଚିତ୍ରଡ଼ା ସରପଞ୍ଚ ବାଳକ ମାରାଣ୍ଡି, ହଳଦୀପାଳ ପଞ୍ଚାୟତର ପୂର୍ବତନ ସରପଞ୍ଚ ରାମାୟ ମାରାଣ୍ଡି, ପୂର୍ବତନ ଖେଳ ଶିକ୍ଷକ କ୍ଷୀରୋଦ ଚନ୍ଦ୍ର ମହାନ୍ତ, କମିଟି ସଭାପତି ଅମରେନ୍ଦ୍ର ସିଂବାବୁ, ଉପସଭାପତି ଚନ୍ଦନ ମହାନ୍ତ, ପରିଚାଳକ ପରିତୋଷ ବାରିକ ଏବଂ ଅଂଶଗ୍ରହଣ କରିଥିବା ୫ଟି ଟିମ୍‌ର ମାଲିକମାନେ ଉପସ୍ଥିତ ଥିଲେ। ପ୍ରଥମ ମ୍ୟାଚରେ ସୁପର ଇଣ୍ଡିଆନ୍ସକୁ ହରାଇ ଗୁରାଲ-୧୧ ଟିମ୍ ବିଜୟୀ ହୋଇଥିଲା।

## ବାଲିଆପାଳ ଥାନା ପରିଦର୍ଶନ କଲେ ଏସ୍‌ପି

**ବାଲିଆପାଳ,୨୪।୧(ସ୍ୱ.ପ୍ର.):** ବାଲେଶ୍ୱର ଜିଲା ଏସ୍‌ପି ସାଗରିକା ନାଥ ମଙ୍ଗଳବାର ବାଲିଆପାଳ ଥାନା ପରିଦର୍ଶନ କରିଛନ୍ତି। ଆଇନଶୃଙ୍ଖଳା ବିଷୟରେ ବାଲିଆପାଳ ଥାନା ଆଇଆଇସି ସୁବ୍ରତ ବେହେରାଙ୍କ ସହିତ ଦୀର୍ଘ ସମୟ ଧରି ବିଭିନ୍ନ ଦିଗ ଉପରେ ଆଲୋଚନା କରିବା ସହିତ ସମସ୍ତ ପୋଲିସ କର୍ମଚାରୀ ଓ ଅଫିସରମାନେ ସଜାଗ ରହି କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଅପରାଧୀମାନଙ୍କ ଉପରେ କଡ଼ା ନଜର ରଖିବା ସହିତ ଲୋକଙ୍କୁ ସୁରକ୍ଷା ଦେବା ପୋଲିସର କର୍ତ୍ତବ୍ୟ ବୋଲି କର୍ମଚାରୀଙ୍କୁ ବୁଝାଇଥିଲେ। ଏସ୍‌ପି ସାଗରିକା ନାଥଙ୍କ ବାଲିଆପାଳ ଥାନା ପ୍ରଥମ ପରିଦର୍ଶନ ହୋଇଥିବାରୁ ସମସ୍ତ ପୋଲିସ ଅଫିସର ଓ କର୍ମଚାରୀମାନେ ଦିନତମାମ ତତ୍ପର ରହିଥିଲେ। ଏସ୍‌ପିଙ୍କ ବାଲିଆପାଳ ଗସ୍ତ ଆଇନଶୃଙ୍ଖଳା ଉପରେ ପ୍ରଭାବ ପକାଇବ ବୋଲି ଜନସାଧାରଣ ଆଶା ପ୍ରକଟ କରିଛନ୍ତି। ବିଶେଷ କରି ଚୋରି, ଡକାୟତି, ଜୁଆଖେଳ ନିୟନ୍ତ୍ରଣ ହେବା ନେଇ ଆଶା ପ୍ରକାଶ ପାଇଛି।

## ମିଳିତ ଜନ ଅଭିଯୋଗ ଶୁଣାଣି

**ବାସୁଦେବପୁର, ୨୪।୧(ଡି.ଏନ.ଏ.):** ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଫିସ୍ ପରିସରରେ ମଙ୍ଗଳବାର ମିଳିତ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ପଞ୍ଚାୟତରୁ ୧୩୦ରୁ ଊର୍ଦ୍ଧ୍ୱ ଅଭିଯୋଗ ପ୍ରଶାସନର ହସ୍ତଗତ ହୋଇଥିଲା। ଉପଜିଲାପାଳ ମନୋଜ ପାତ୍ର, ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ପ୍ରତାପ ପ୍ରୀତିମୟ, ଏସ୍‌ପି ବରୁଣ ଗୁଣ୍ଟୁପାଲି, ତହସିଲଦାର ସୌଭାଗ୍ୟ ପଣ୍ଡା, ଏସ୍‌ଡିପିଓ ସୌରଭ ଓତା, ବ୍ଲକ ଅଧକ୍ଷ ନଗେନ୍ଦ୍ର ବିଶ୍ୱାଳ, ବିଡିଓ ସତ୍ୟଜିତ ରାଉତ ପ୍ରମୁଖ ଉପସ୍ଥିତ ରହି ଅଭିଯୋଗଗୁଡ଼ିକର ଶୁଣାଣି କରିଥିଲେ। ବିଭିନ୍ନ ବିଭାଗୀୟ ଅଧିକାରୀ ଶିବିରରେ ଉପସ୍ଥିତ ଥିଲେ।

## ଚୋରା କୋଇଲା ବୋଝେଇ ପିକ୍‌ଅପ୍ ଜବତ

**ପଦ୍ମପୁର, ୨୪।୧(ଡି.ଏନ.ଏ.):** ଭଦ୍ରକ ଜିଲା ସଦର ବ୍ଲକ ଅଧୀନ ସାବରଙ୍ଗ ପୋଲିସ ବାଲିବିଲ ଟ୍ରେନ୍ ଲାଇନ ନିକଟରୁ ମଙ୍ଗଳବାର ସକାଳେ ଏକ ଚୋରା କୋଇଲା ବୋଝେଇ ପିକ୍‌ଅପ୍ ଭ୍ୟାନ୍ ଜବତ କରିଛି। ଚାଳକ ଓ ସହଯୋଗୀ ଫେରାର ହୋଇଯାଇଛନ୍ତି। ସାବରଙ୍ଗ ଥାନା ଏଏସ୍‌ଆଇ ଯତୀନ୍ଦ୍ର ନାଥ ସିଙ୍କୁ, ହାବିଲଦାର ଭରତ ଚନ୍ଦ୍ର ମାଝି ଓ କନଷ୍ଟେବଲ ରାଜେନ୍ଦ୍ର ସାହୁ ପାଟ୍ରୋଲିଂ କରୁଥିବା ବେଳେ ତିହିଡ଼ି ଆଡୁ ଆସୁଥିବା କୋଇଲା ବୋଝେଇ ଗାଡ଼ିକୁ ଅଟକାଇବାରୁ ଚାଳକ ଦୌଡ଼ି ପଳାଇଥିଲେ। ଉକ୍ତ ପିକ୍‌ଅପ୍‌ରେ ଦେଢ଼ ଟନ୍ କୋଇଲା ଥିଲା। ଏନେଇ ଥାନାରେ ମାମଲା (ନଂ.୧୦/୨୩) ରୁଜୁ କରାଯାଇଛି।

# ପରିବାର ସହ ଆମରଣ ଅନଶନ

**ହାଇକୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ଚାକିରି ମିଳିଲାନି**

**ବାଲେଶ୍ୱର ଅଫିସ, ୨୪।୧**

ବାପାଙ୍କ ମୃତ୍ୟୁ ପରେ ପୁନଃ ଥଇଥାନ ଯୋଜନାରେ ନିଯୁକ୍ତି ପାଇଁ ଆବେଦନ କରି ବିଫଳ ହେବା ପରେ ଶେଷରେ ବାଲେଶ୍ୱର କ୍ଷୁଦ୍ର ଜଳସେଚନ ବିଭାଗ ଅଫିସ୍ ସମ୍ମୁଖରେ ଧୀରେନ୍ଦ୍ର ପରିଡା ନାମକ ଯୁବକଙ୍କ ସହ ତାଙ୍କ ପରିବାର ସହ ଆମରଣ ଅନଶନରେ ବସିଛନ୍ତି।

ବାଲେଶ୍ୱର କ୍ଷୁଦ୍ର ଜଳସେଚନ ବିଭାଗର ଚତୁର୍ଥ ଶ୍ରେଣୀ କର୍ମଚାରୀ ଭାବେ କାର୍ଯ୍ୟ କରୁଥିବା ବାଲିଆପାଳ ଥାନା କୁଶୁଡ଼ିହା ଗ୍ରାମର ଅନନ୍ତ ପରିଡ଼ାଙ୍କର ଗତ ୨୦୧୦ରେ ମୃତ୍ୟୁ ହୋଇଥିଲା। ମୃତ୍ୟୁ ପରେ ତାଙ୍କର ପୁତ୍ର ଧୀରେନ୍ଦ୍ର ପୁନଃ ଥଇଥାନ ଯୋଜନାରେ ନିଯୁକ୍ତି ପାଇଁ ବିଭାଗୀୟ ଅଧିକାରୀଙ୍କ ନିକଟରେ ଆବେଦନ କରିଥିଲେ। କୌଣସି କାରଣରୁ ଦୀର୍ଘବର୍ଷ ଧରି ଚାକିରି ନ ପାଇବା ପରେ ଗତ ୨୦୧୩ରେ ଟ୍ରିବ୍ୟୁନାଲ କୋର୍ଟ ପରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଗତ ୨୦୨୨ରେ ହାଇକୋର୍ଟ ଉକ୍ତ ମାମଲାର ବିଚାର କରି ଧୀରେନ୍ଦ୍ରଙ୍କୁ ଚାକିରିରେ ନିଯୁକ୍ତି ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହାସତ୍ତ୍ୱେ ମଧ ଚାକିରି ମିଳି ନଥିଲା। ଗତ ୨୦୨୨ ଫେବୃୟାରୀ ୧୧ ତାରିଖରେ ଭୁବନେଶ୍ୱର କ୍ଷୁଦ୍ର ଜଳସେଚନ ବିଭାଗର ମୁଖ୍ୟଯନ୍ତ୍ରୀ-୧ଙ୍କ ଅଫିସ୍‌କୁ ଯାଇ ଧୀରେନ୍ଦ୍ର ପରିବାର ସହ ଆତ୍ମାହୁତି ଦେବାର ଚେତାବନୀ ଦେଇଥିଲେ। ଏହି ପତ୍ର ପାଇବା ପରେ ବିଭାଗୀୟ ମୁଖ୍ୟଯନ୍ତ୍ରୀ ୧ ମାସ ମଧ୍ୟରେ ଚାକିରି ଦେବାର ପ୍ରତିଶ୍ରୁତି ଦେଇଥିଲେ। ତାହା ମଧ କାର୍ଯ୍ୟକାରୀ ନ ହେବାରୁ ମଙ୍ଗଳବାର ବାଲେଶ୍ୱର କ୍ଷୁଦ୍ର ଜଳସେଚନ ବିଭାଗ ଅଫିସ୍ ସମ୍ମୁଖରେ ପରିବାର ସହ ଧୀରେନ୍ଦ୍ର ଆମରଣ ଅନଶନରେ ବସିଛନ୍ତି। ଅନଶନରେ ତାଙ୍କ ସହ ସ୍ତ୍ରୀ ରିତାରାଣୀ ପରିଡ଼ା, ମା’ ଶାନ୍ତିଲତା ପରିଡ଼ା ଓ ପୁଅ ସାଇରାମ ପରିଡ଼ା ସାମିଲ୍ ଅଛନ୍ତି।

ଏନେଇ ବାଲେଶ୍ୱର କ୍ଷୁଦ୍ର ଜଳସେଚନ ବିଭାଗ ଅଧିକାରୀ ଇଂ. ବିଷ୍ଣୁପଦ ପଟ୍ଟାୟତ କହନ୍ତି, ଅନନ୍ତଙ୍କ ମୃତ୍ୟୁ ହେବାର ଏକ ବର୍ଷ ପରେ ପୁନଃ ଥଇଥାନ ଯୋଜନାରେ ନିଯୁକ୍ତି ପାଇଁ ତାଙ୍କର ପୁତ୍ର ଧୀରେନ୍ଦ୍ର ଆବେଦନ କରିଥିଲେ। ବିଭାଗୀୟ ତଦନ୍ତରେ କିଛି ତ୍ରୁଟି ଥିବାରୁ କାର୍ଯ୍ୟ ବିଳମ୍ବ ହୋଇଥିଲା। ପରେ କୋର୍ଟକୁ ମାମଲା ଯାଇଥିଲା। କୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ପୁନଃ ରିପିଟିସନ ଦାଖଲ ହୋଇଛି। ବିଚାର ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।



ଧୀରେନ୍ଦ୍ର ପରିବାର ସହ ଆମରଣ ଅନଶନରେ ବସିଛନ୍ତି।

## ରୋଗୀଙ୍କୁ ଫଳ ବାଣ୍ଟିଲା ଭଞ୍ଜସେନା

**ବାଙ୍ଗିରିପୋଷି,୨୪।୧(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲାର ଅଗ୍ରଣୀ ଯୁବଛାତ୍ର ସଂଗଠନ ଭଞ୍ଜସେନାର ୨୫ତମ ପ୍ରତିଷ୍ଠାତା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବାଙ୍ଗିରିପୋଷି ଭଞ୍ଜସେନା ପକ୍ଷରୁ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଠାରେ ରୋଗୀ ତଥା ସେମାନଙ୍କ ସମ୍ପର୍କୀୟମାନଙ୍କୁ ଫଳ ବଣ୍ଟନ କରାଯାଇଛି। ଏହା ସହିତ ଏକ ବାଇକ୍ ରାଲି ବଜାର ପରିକ୍ରମା କରଛି। ଭଞ୍ଜସେନା ବ୍ଲକ ସଭାପତି ସତ୍ୟପ୍ରକାଶ ମହାନ୍ତି, ଜିଲା ଉପସଭାପତି ସନ୍ତୋଷ ଗିରି, ସାଧାରଣ ସମ୍ପାଦକ ବାରିପଦା ମନୋରଞ୍ଜନ ବାରିକ, ଜିଲା ଆଦିବାସୀ ସେଲ ସଭାପତି ବାଲୁନ ହାଁସଦା, ମନୋରଞ୍ଜନ ମିଶ୍ର, ସୂରଜ ବାସ୍କେ,ସିତ ବୈଠା, ନରୋତ୍ତମ ବେହେରା, ସୁମନ୍ତ ଗିରି, ଚିନ୍ମୟ ଅଧିକାରୀ, ବିଷ୍ଣୁପ୍ରସାଦ ଦାସ ପ୍ରମୁଖ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା

**ଗୋପବନ୍ଧୁ ନଗର,୨୪।୧(ଡି.ଏନ.ଏ.)**

ଗୋପବନ୍ଧୁ ନଗର ବ୍ଲକ ସାଇଁକୁଲାଠାରେ ପଞ୍ଚାୟତସ୍ତରୀୟ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ସରପଞ୍ଚ ରବିନ୍ଦ୍ର ସିଂ ଏହାକୁ ଉଦ୍‌ଘାଟନ କରିଥିଲେ। ପଞ୍ଚାୟତର ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ସରପଞ୍ଚ ସିଂଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ସରପଞ୍ଚ ରବୀନ୍ଦ୍ର ନାଥ ମିଶ୍ର, ମୁଖ୍ୟବକ୍ତା ଶିକ୍ଷାବିତ୍ ସନାତନ ଜେନା, ସମ୍ମାନିତ ଅତିଥି ଭାବେ ସମିତିସଭ୍ୟା ବନସ୍ମିତା ସିଂ, ସିଆର୍‌ସିସି ସଂଜିତ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ପ୍ରଧାନ ଶିକ୍ଷକ କୃଷ୍ଣଚନ୍ଦ୍ର ସାମନ୍ତରାୟ ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷକ ବସନ୍ତ ନାୟକ, ସୁଦର୍ଶନ ବେହେରା, ସନ୍ତୋଷ ମହାପାତ୍ରଙ୍କ ସମେତ ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଓ ପଞ୍ଚାୟତ କର୍ମକର୍ତ୍ତା ସହଯୋଗ କରିଥିଲେ।

## ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କଲା କଳାକାରଙ୍କ ନୃତ୍ୟ

**କେନ୍ଦୁଝର,୨୪।୧(ଡି.ଏନ୍.ଏ./ସ୍ୱ.ପ୍ର.)**

କେନ୍ଦୁଝର କାଳୀପଡ଼ିଆଠାରେ ଜିଲା ପ୍ରଶାସନ ଆନୁକୂଲ୍ୟରେ ଆୟୋଜିତ ପଲ୍ଲିଶ୍ରୀ ମେଳା ରଙ୍ଗମଞ୍ଚରେ ଦ୍ୱିତୀୟ ସନ୍ଧ୍ୟାରେ ଜିଲା କଳାକାର ସଂଘ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପର୍ଯ୍ୟଟନ ବିଭାଗର ସହକାରୀ ନିର୍ଦ୍ଦେଶକ ରମେଶ ଚନ୍ଦ୍ର ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ କେନ୍ଦୁଝରର କଳା ଓ ସଂସ୍କୃତି ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା କ୍ରୀଡ଼ା ଅଧିକାରୀ ଜିତେନ୍ଦ୍ର ମହାକୁଡ ଓ ବରିଷ୍ଠ ଖବରଦାତା ଦେବାଶିଷ ମିଶ୍ର ଯୋଗଦେଇଥିଲେ। ଜିଲାର ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନର ମିଳିତ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଦର୍ଶକ ଉପଭୋଗ କରିଥିଲେ। ସଂଘର ନୃତ୍ୟ ନିର୍ଦ୍ଦେଶକ ଗୁରୁ ଦାସ ଓ ନୃତ୍ୟ ଶିକ୍ଷୟିତ୍ରୀ ସ୍ମୃତିରେଖା ନାୟକଙ୍କ ନିର୍ଦ୍ଦେଶନାରେ ୨୦ଜଣ କଳାକାରଙ୍କ ଓଡ଼ିଶୀ ଓ ସମ୍ବଲପୁରୀ ନୃତ୍ୟାଭିନୟ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଜିଲା କଳାକାର ସଂଘର ଯୁଗ୍ମ ସମ୍ପାଦିକା ମାନସୀ ମହାନ୍ତି ସଂଯୋଜନା କରିଥିବା ବେଳେ ମଞ୍ଚ ପରିଚାଳନା କରିଥିଲେ ଅନୁଷ୍ଠାନର ସମ୍ପାଦକ ନିର୍ମଳ ଚନ୍ଦ୍ର ନାୟକ। ଶ୍ୱେତା ଦାସ, ଟିକି ସେଠୀ, ଗୌତମ ସାହୁ, ତରଣୀସେନ ମହାନ୍ତଙ୍କ ସମେତ ବହୁ କଳାକାର ଏଥିରେ ଅଂଶଗ୍ରହଣ କରିଥିଲେ।

# ଘର ପାଇଁ ଅନଶନରେ ବସିଲେ ଦିବ୍ୟାଙ୍ଗ

**ଭଦ୍ରକ ଅଫିସ, ୨୪।୧**

ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘରେ ଖଣ୍ଡେ ପାଇବା ପାଇଁ ଭଦ୍ରକ ବ୍ଲକ ଅଧୀନ ରାହାଞ୍ଜ ଗ୍ରାମର ଦିବ୍ୟାଙ୍ଗ ଲକ୍ଷ୍ମୀକାନ୍ତ ରାଉତ ପରିବାର ସହ ମଙ୍ଗଳବାରଠାରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନରେ ବସିଛନ୍ତି। ଏହାପୂର୍ବରୁ ମଧ ସେ ଜିଲାପାଳଙ୍କ ଅଫିସ୍ ଆଗରେ ଅନଶନ କରିଥିଲେ। ତତ୍କାଳୀନ ଜିଲାପାଳ ତାଙ୍କୁ ଘର ଦିଆଯାଉ ବୋଲି ବ୍ଲକକୁ ଚିଠି କରିଥିଲେ ମଧ ଏପର୍ଯ୍ୟନ୍ତ ତାଙ୍କୁ ଘର ମିଳିନାହିଁ। ଘର ଖଣ୍ଡେ ପାଇଁ ପଞ୍ଚାୟତ ସ୍ତରରୁ ବ୍ଲକ ଓ ଜିଲା ପ୍ରଶାସନ ପର୍ଯ୍ୟନ୍ତ ଦୌଡ଼ି ଦୌଡ଼ି ନୟାନ୍ତ ହୋଇଥିବା କହିଛନ୍ତି ଲକ୍ଷ୍ମୀକାନ୍ତ। ୨୦୧୬ରେ ତାଙ୍କ ଘର ପୋଡ଼ି ଯାଇଥିଲା। ପଲିଥିନ ଟାଙ୍ଗି ଭଙ୍ଗାଘରକୁ ଆବଦ୍ଧ କରି ସ୍ତ୍ରୀ ଓ ୨ ପୁଅଙ୍କୁ ଧରି ଦିନ କାଟୁଛନ୍ତି। ଏହା ଭିତରେ ୭ ବର୍ଷ ବିତିଗଲାଣି ହେଲେ ଘର ଖଣ୍ଡେ ମିଳିପାରିଲା ନାହିଁ। ନିକଟରେ ପ୍ରକାଶ ପାଇଥିବା ଆବାସ ତାଲିକାରେ ତାଙ୍କ ନାଁ ନ ଥିବାରୁ ସେ କ୍ଷୋଭ ପ୍ରକାଶ କରିଛନ୍ତି। ତାଙ୍କୁ ଘର ନ ମିଳିବା ପର୍ଯ୍ୟନ୍ତ ଅନଶନ କରିବେ ବୋଲି ସେ କହିଛନ୍ତି।

## ଉପଖଣ୍ଡ ଚିକିତ୍ସାଳୟ ପରିଦର୍ଶନ କଲା କାୟାକଳ୍ପ ଟିମ୍


ଚିକିତ୍ସାଳୟ ପରିସରରେ ଡାକ୍ତରଙ୍କ ସହ କାୟାକଳ୍ପ ଟିମ୍।

**ଚମ୍ପୁଆ, ୨୪।୧ (ଡି.ଏନ.ଏ.)**

କାୟାକଳ୍ପ ଟିମ୍ ମଙ୍ଗଳବାର କେନ୍ଦୁଝର ଜିଲା ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟର ପରିଦର୍ଶନ କରିଛି। ଡାକ୍ତରଖାନାର ଭିତ୍ତିଭୂମି, ସରକାରଙ୍କ ଅନୁଦାନ କୋଟି କୋଟି ଟଙ୍କା କିପରି ଖର୍ଚ୍ଚ ହେଉଛି, ସ୍ୱାସ୍ଥ୍ୟସେବା କିପରି ଚାଲିଛି, ପରିଷ୍କାର ପରିଚ୍ଛନ୍ନତା ଆଦି ଏହି ଟିମ୍ ବୁଲି ଦେଖିଥିଲା। ଓଡ଼ିଶା ସରକାରଙ୍କ ଅତିରିକ୍ତ ନିର୍ଦ୍ଦେଶକ ଡା. ମୁରଲୀଧର ପାଢ଼ୀ, ଡା. ଅନିଲ ପଟ୍ଟନାୟକ, ବାଲିଚନ୍ଦ୍ରମ୍ ବି.ଏଲ୍. ପ୍ରମୁଖ ଏଥିରେ ସାମିଲ ଥିଲେ। ଡାକ୍ତରଖାନାର ବିଭିନ୍ନ ବିଭାଗ ବୁଲି କର୍ମଚାରୀଙ୍କ ଆଚରଣ, ଉଚ୍ଚାରଣ, ଆବର୍ଜନା ପରିଚାଳନା ଆଦି ସମ୍ପର୍କରେ ବୁଝିବା ସହ ରୋଗୀ ଏବଂ ଡାକ୍ତରଙ୍କ ସହିତ ସେମାନେ ଆଲୋଚନା କରିଥିଲେ। ଉପଖଣ୍ଡ ଚିକିତ୍ସା ଅଧିକାରୀ ଡା. ରମାକାନ୍ତ ସାହୁ, ଡା. ସୁନାରାମ ମୁର୍ମୁ, ଡା. ଧର୍ମପଦ ଦାସ ମହାପାତ୍ର, ଡା. ସୁଜିତ କୁମାର ଲେଙ୍କା, ମ୍ୟାନଜର ୱାସିମ ପ୍ରମୁଖ ସହଯୋଗ କରିଥିଲେ।

# ‘ଯୋଗ୍ୟଙ୍କୁ ଆବାସ ନ ମିଳିବା ଯାଏ ଆନ୍ଦୋଳନ’

**ଧାମନଗର, ୨୪।୧ (ଡି.ଏନ.ଏ./ସ୍ୱ.ପ୍ର.)**

ଭଦ୍ରକ ଜିଲା ଧାମନଗର ବ୍ଲକରେ ପ୍ରଧାନମନ୍ତ୍ରୀ ଆବାସ ବଣ୍ଟନରେ ଚଞ୍ଚକତା ପ୍ରତିବାଦରେ ମଙ୍ଗଳବାର ଭାଜପା ପକ୍ଷରୁ ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯାଇଛି। ବିଧାୟକ ସୂର୍ଯ୍ୟବଂଶୀ ସୂରଜଙ୍କ ନେତୃତ୍ୱରେ ଦଳୀୟ କର୍ମୀ ଓ ଆବାସ ତାଲିକାରୁ ବାଦ୍ ପଡ଼ିଥିବା ବହୁ ହିତାଧିକାରୀ ଧାମନଗର ମେଡିକାଲଠାରୁ ବିଭିନ୍ନ ସ୍ଲୋଗାନ ଦେଇ ଶୋଭାଯାତ୍ରାରେ ବ୍ଲକ ଅଫିସ ପାଖକୁ ଯାଇଥିଲେ। ବ୍ଲକ ଛକ ଦମକଳ କେନ୍ଦ୍ରଠାରେ ଅଶୋକ ପୁହାଣଙ୍କ ସଭାପତିତ୍ୱରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ରାଜ୍ୟ ସରକାର ନିଜେ ଦାୟିତ୍ୱ ନେଇ ନିରପେକ୍ଷ ଭାବେ ସର୍ଭେ କରନ୍ତୁ ଏବଂ ଯୋଗ୍ୟ ହିତାଧିକାରୀଙ୍କୁ ନେଇ ଠିକ୍ ତାଲିକା ପ୍ରସ୍ତୁତ କରନ୍ତୁ। ଯେପର୍ଯ୍ୟନ୍ତ ଯୋଗ୍ୟ ହିତାଧିକାରୀଙ୍କ ଠିକ୍ ତାଲିକା ପ୍ରସ୍ତୁତ ନ କରାଯାଇଛି ସେପର୍ଯ୍ୟନ୍ତ ଏହାକୁ ସ୍ଥଗିତ ରଖନ୍ତୁ। ଯୋଗ୍ୟଙ୍କୁ ପ୍ରଧାନମନ୍ତ୍ରୀ ଆବାସ ନ ମିଳିବା ଯାଏ ଭାଜପା ଏ ଆନ୍ଦୋଳନ ଜାରି ରଖିବ। ଉପନିର୍ବାଚନ ସମୟରେ ଧାମନଗର ଦାୟିତ୍ୱ ନେଇଥିଲେ। କିନ୍ତୁ ଆଜି ଗରିବ ଯୋଗ୍ୟ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସରୁ କାହିଁକି ବଞ୍ଚିତ କରିଛନ୍ତି। ଭାଜପାର ବିଧାୟକ ଜିତିଛନ୍ତି ବୋଲି କି ବିଧାୟକ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଶ୍ନ କରିଥିଲେ। ଶେଷରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ବିଡିଓଙ୍କ ମାଧ୍ୟମରେ ପ୍ରଦାନ କରାଯାଇଥିଲା। ୭ଦିନ ଭିତରେ ଠିକ୍ ଭାବେ ହିତାଧିକାରୀ ଚୟନ ତାଲିକା ପ୍ରକାଶିତ କରାଯାଉ। ସରକାର ଏହାକୁ ଅଣଦେଖା କଲେ ଓ ଗ୍ରାମସଭା ଆୟୋଜନ ନ କରି ତାଲିକା ପ୍ରସ୍ତୁତ କରାଗଲେ ଆଗାମୀ ସପ୍ତାହରୁ ଘର ପାଇବାରୁ ବଞ୍ଚିତ ହିତାଧିକାରୀଙ୍କ ସହଯୋଗରେ ଭାଜପା ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବ୍ଲକ ଅଫିସଠାରୁ ବିଧାନସଭା ଘେରାଉ ପର୍ଯ୍ୟନ୍ତ ଲଢ଼େଇ ଜାରି ରଖିବ ବୋଲି ସେ ଚେତାବନୀ ଦେଇଛନ୍ତି।

ବିଧାୟକଙ୍କ ସହ ପୂର୍ବତନ ଜିଲା ପରିଷଦ ସଭ୍ୟ ମନୋରଞ୍ଜନ ମଲ୍ଲିକ, ଚତୁର୍ଭୁଜ ନାୟକ, ଅରବିନ୍ଦ ପତି, ରାମଚନ୍ଦ୍ର ମିଶ୍ର, ଦୀପ୍ତି ରଞ୍ଜନ ଜେନା, ଅଜୟ ବଳ, ଅଶୋକ ପଣ୍ଡା, ରଞ୍ଜନ ପଣ୍ଡା, ପ୍ରୀତମ ଦାସ, ମିନତି ସାହୁ, ଶରତ ମହାନ୍ତି, ପ୍ରଶାନ୍ତ ନାୟକ, ଶ୍ରୀକାନ୍ତ ନାୟକ, ବୈକୁଣ୍ଠ ସାହୁ, ବୁଲୁ ପୋଥାଳ, ଦେବେନ୍ଦ୍ର ପୁହାଣ, ବିଜୟ ରାମ, ରମେଶ ଚନ୍ଦ୍ର ପତି, କ୍ଷେତବାସୀ ବାରିକ, ଉମାମଣି ସାହୁ, ପୁଷ୍ପାଞ୍ଜଳି ବେହେରା, କବିତାରାଣୀ ରାୟ ପ୍ରମୁଖ ଏଥିରେ ଯୋଗ ଦେଇଥିଲେ।



ଭାଜପା ପକ୍ଷରୁ ବ୍ଲକ କାର୍ଯ୍ୟାଳୟ ଘେରାଉ ପାଇଁ ବାହାରିଥିବା ଶୋଭାଯାତ୍ରା।

